# NATIONAL NEWS BULLETIN (ODIA)
## 22 April - 2024
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲିଗଡ଼ଠାରେ ଏକ ନିର୍ବାଚନ ର୍‌ୟାଲିରେ ଉଦ୍‌ବୋଧନ ଦେଇଛନ୍ତି ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ସିଆଚୀନ ଅଞ୍ଚଳ ଗସ୍ତ କରିଛନ୍ତି ।
- ନିର୍ବାଚନ କମିଶନ ପ୍ରତ୍ୟେକ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପୂର୍ବରୁ ଗ୍ରୀଷ୍ମ ପ୍ରବାହ ସ୍ଥିତିର ତଦାରଖ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଛି ।
- ଭାରତୀୟ ପାଣିପାଗ ବିଭାଗ ପରବର୍ତ୍ତୀ ୫ ଦିନ ଧରି ପୂର୍ବ ଭାରତରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ବିଷୟ ପୂର୍ବାନୁମାନ କରିଛି ।

ଏବଂ

- ଜାତୀୟ ତଦନ୍ତକାରୀ ସଂସ୍ଥା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଷଡ଼ଯନ୍ତ୍ର ମାମଲାରେ ଜାମ୍ମୁ-କାଶ୍ମୀରର ୯ଟି ସ୍ଥାନରେ ଚଢ଼଼ଉ କରିଛି ।

# ପିଏମ୍-ଆଲିଗଡ଼ ର୍ୟାଲି

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀ ଦଳ ଗୁଡ଼ିକର ସମାଲୋଚନା କରି ସେମାନେ ପ୍ରିୟାପ୍ରୀତିତୋଷଣ ଓ ତୁଷ୍ଟିକରଣ ରାଜନୀତିରେ ଲିପ୍ତ ଥିବାର ଦୋଷାରୋପ କରିଛନ୍ତି। ଉତ୍ତରପ୍ରଦେଶର ଆଲିଗଡ଼ଠାରେ ଏକ ନିର୍ବାଚନ ର୍ୟାଲିରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଦାରିଦ୍ର୍ୟ, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣର ମୂଳୋତ୍ପାଟନ ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ। ସେ କହିଛନ୍ତି, କଂଗ୍ରେସ ଓ ସମାଜବାଦି ପାର୍ଟି ଭଳି ରାଜନୈତିକ ଦଳଗୁଡ଼ିକ ସର୍ବଦା ତୁଷ୍ଟିକରଣ ରାଜନୀତି କରିଆସୁଅଛନ୍ତି ଓ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଉତ୍ଥାନ ପାଇଁ କିଛି କରିନାହାଁନ୍ତି। ସେ କହିଛନ୍ତି, ବିଜେପି ଦେଶରେ ସମସ୍ତ ପ୍ରକାର ଶିଳ୍ପକୁ ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରିଛି। ଦେଶର ବିକାଶ ପାଇଁ ଅଧିକ ସଂଖ୍ୟାରେ ମତଦାନ କରିବାକୁ ସେ ନାଗରିକମାନଙ୍କୁ କହିଛନ୍ତି। ଆଲିଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଜେପି ଉପସ୍ଥିତ ସାଂସଦ ସତୀଶ ଗୌତମଙ୍କୁ ପ୍ରାର୍ଥୀ କରିଥିବାବେଳେ ସମାଜବାଦୀ ପାର୍ଟି ଚୌଧୁରୀ ବିଜେନ୍ଦ୍ର ସିଂଙ୍କୁ ପ୍ରାର୍ଥୀ କରିଛି। ବହୁଜନ ସମାଜପାର୍ଟି ହିତେନ୍ଦ୍ର କୁମାରଙ୍କୁ ସେଠାରୁ ପ୍ରାର୍ଥୀ କରିଛି। ଉତ୍ତରପ୍ରଦେଶରେ ଆଲିଗଡ଼ ଲୋକସଭା ଆସନ ସହିତ ୭ଟି ଲୋକସଭା ଆସନରେ ଶୁକ୍ରବାରଦିନ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହେବ।

# ୟୁପି- ଫୁଲ୍ କ୍ୟାମ୍ପେନ୍

ଉତ୍ତରପ୍ରଦେଶରେ ନିର୍ବାଚନ ପ୍ରଚାର ତ୍ୱରାନ୍ୱିତ ହୋଇଛି। ରାଜନୈତିକ ଦଳ ଗୁଡ଼ିକର ତୁଙ୍ଗ ନେତା ମାନେ ର୍‍ୟାଲି, ରୋଡ୍ ସୋ' ଓ ଘର ଘର ବୁଲି ପ୍ରଚାର କରୁଛନ୍ତି। ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲିଗଡ଼ ଜିଲ୍ଲାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି। କଂଗ୍ରେସ ପାର୍ଟିର ସମାଲୋଚନା କରି ସେ କହିଛନ୍ତି, କଂଗ୍ରେସ ପାର୍ଟି କମ୍ୟୁନିଷ୍ଟ ନୀତିର କାର୍ଯ୍ୟକାରୀ କରିବାକୁ ଚାହୁଁଛି। କମ୍ୟୁନିଷ୍ଟ ନୀତି ବିଶ୍ୱର ଅନେକ ଦେଶକୁ ନଷ୍ଟ କରିସାରିଛି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଲିଗଡ଼ ଓ ଫତେପୁର ସିକ୍ରି ଜିଲ୍ଲାରେ ର୍‍ୟାଲିଗୁଡ଼ିକରେ ଉଦ୍‌ବୋଧନ ଦେଇଛନ୍ତି। ଅନ୍ୟପକ୍ଷରେ ବହୁ ବିରୋଧୀ ଦଳ ନେତା ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ବି.ଏସ୍.ପି. ମୁଖ୍ୟ ମାୟାବତୀ ବୁଲନ୍ଦ ସହର ଜିଲ୍ଲାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇ ବିଜେପିର ସମାଲୋଚନା କରିଛନ୍ତି। ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସର ଅଭିନାଶ ପାଣ୍ଡେ ପାର୍ଟି ନେତାମାନଙ୍କ ସହ ମଥୁରା ଓ ଫତେପୁର ସିକ୍ରିରେ ଘର ଘର ବୁଲି ପ୍ରଚାର କରିଛନ୍ତି।

# ରାଜସ୍ଥାନ-ସିଆଚୀନ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ସିଆଚୀନ ଅଞ୍ଚଳ ଗସ୍ତ କରିଛନ୍ତି। ବିଶ୍ୱର ସବୁଠାରୁ ଉଚ୍ଚତମ ଯୁଦ୍ଧକ୍ଷେତ୍ର ଭାବେ ପରିଚିତ ଏହି ଅଞ୍ଚଳର ସୁରକ୍ଷା ସମ୍ପର୍କରେ ଶ୍ରୀ ସିଂ ସମୀକ୍ଷା କରିବା ସହ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିବା ସୈନ୍ୟମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ମାତୃଭୂମିର ସୁରକ୍ଷା ପାଇଁ ଯବାନମାନଙ୍କ କାର୍ଯ୍ୟକୁ ପ୍ରତିରକ୍ଷା ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଯବାନମାନଙ୍କ ବଳିଦାନ ପାଇଁ ଦେଶର ଜନସାଧାରଣ ନିଜକୁ ସୁରକ୍ଷିତ ମନେ କରିବା ସହ ଦେଶ ସେମାନଙ୍କ ନିକଟରେ ସବୁଦିନ ପାଇଁ ଋଣି ରହିବ ବୋଲି ଶ୍ରୀ ସିଂ କହିଛନ୍ତି। ଯବାନମାନଙ୍କ ଅବଦାନ ଭବିଷ୍ୟତ ବଂଶଧରମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସିଂ କହିଛନ୍ତି। ସିଆଚୀନକୁ ଭାରତର ସାର୍ବଭୌମତ୍ୱ ଏବଂ ଦୃଢ଼ତାର ପ୍ରତୀକ ଭାବେ ଅଭିହିତ କରି ଶ୍ରୀ ସିଂ କହିଛନ୍ତି, ସିଆଚୀନ ହେଉଛି ସାହସିକତା ଏବଂ ଦୃଢ଼ ପ୍ରତିଜ୍ଞାର କେନ୍ଦ୍ରସ୍ଥଳ। ସିଆଚୀନରେ ସଂଗଠିତ ଅପରେସନ୍ ମେଘଦୂତ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଏବଂ ସେନା ଇତିହାସରେ ଏହା ଏକ ସୁବର୍ଣ୍ଣ ଅଧ୍ୟାୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୧୯୮୪ ମସିହା ଏପ୍ରିଲ ୧୩ ତାରିଖରେ ସିଆଚୀନରେ ଭାରତୀୟ ସେନା ଦ୍ୱାରା ଅପରେସନ୍ ମେଘଦୂତ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ସିଆଚୀନର ଯୁଦ୍ଧ ସ୍ମାରକୀ ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଗସ୍ତ

ସମୟରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ସେନା ମୁଖ୍ୟ ଜେନେରାଲ  ମନୋଜ ପାଣ୍ଡେ ଏବଂ ଅନ୍ୟ ବରିଷ୍ଠ ସେନା ଅଧିକାରୀମାନେ ଯୋଗ ଦେଇଛନ୍ତି ।

## ଇସିଆଇ-ହିଟ୍ ୱେଭ୍

ନିର୍ବାଚନ କମିଶନ ପ୍ରତ୍ୟେକ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପୂର୍ବରୁ ଗ୍ରୀଷ୍ମ ପ୍ରବାହ ସ୍ଥିତିର ତଦାରଖ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଛି । ଏହି ଟାସ୍କଫୋର୍ସରେ ନିର୍ବାଚନ କମିଶନ, ଭାରତୀୟ ପାଣିପାଗ ବିଭାଗ, ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଫିସରମାନେ ରହିବେ। ପ୍ରତ୍ୟେକ ପର୍ଯ୍ୟାୟ ଲୋକସଭା ନିର୍ବାଚନର ୫ଦିନ ପୂର୍ବରୁ ସେମାନେ ଗ୍ରୀଷ୍ମ ପ୍ରବାହ ଓ ଆର୍ଦ୍ରତାର ପ୍ରଭାବକୁ ସମୀକ୍ଷା କରିବେ। ଏହା ଅନୁସାରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବ। ଏହା ବ୍ୟତୀତ ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଫିସରମାନଙ୍କ ସହ ସମୀକ୍ଷା ବୈଠକରେ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ସାମିୟାନା, ପାନୀୟ ଜଳ, ପଙ୍ଖା ଓ ଅନ୍ୟ ସର୍ବନିମ୍ନ ସୁବିଧା ଗୁଡ଼ିକୁ ଯୋଗାଇବା ବିଷୟରେ ଅବଗତ ହେବ ।

ପାଣିପାଗ ବିଭାଗ ମହାନିର୍ଦ୍ଦେଶକ’ ୨୬ ତାରିଖ ଦିନ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ନେଇ କୌଣସି ଉଦ୍‌ବେଗ ପ୍ରକାଶ କରିନାହାଁନ୍ତି।   ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ସମୟରେ ପାଣିପାଗ ସ୍ଥିତି

ସ୍ୱାଭାବିକ ରହିବ। ଦେଶରେ କିଛି ଭାଗରେ ଗ୍ରୀଷ୍ମ ପ୍ରବାହ ଓ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରିପୋର୍ଟ ଦୃଷ୍ଟିରୁ କମିଶନ ଆଜି ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହିତ ଏଭଳି ବୈଠକ କରିଥିଲା। ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଅଧ୍ୟକ୍ଷତା କରିଥିଲେ ଓ ଅନ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ଉପସ୍ଥିତ ଥିଲେ।

# ହିଟ୍‌ୱେଭ୍

ଭାରତୀୟ ପାଣିପାଗ ବିଭାଗ ପରବର୍ତ୍ତୀ ୫ ଦିନ ଧରି ପୂର୍ବ ଭାରତରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ବିଷୟ ପୂର୍ବାନୁମାନ କରିଛି। ବୁଧବାର ଠାରୁ ଏହା ଦେଶର ଅଧିକ ଅଞ୍ଚଳରେ ଅନୁଭୂତ ହେବାର ସମ୍ଭାବନା ଅଛି। ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାର ପୂର୍ବାନୁମାନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଆଭ୍ୟନ୍ତରୀଣ କର୍ଣ୍ଣାଟକ, ଓଡ଼ିଶା, ପୂର୍ବ ଉତ୍ତରପ୍ରଦେଶ, ପଶ୍ଚିମ ଉତ୍ତରପ୍ରଦେଶ, ବିହାର ଓ ଝାଡ଼ଖଣ୍ଡରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାର ପୂର୍ବାନୁମାନ କରିଛି। ଓଡ଼ିଶା, ରାୟଲସୀମା, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଝାଡ଼ଖଣ୍ଡ, ବିଦର୍ଭ, ଛତିଶଗଡ଼, ଦକ୍ଷିଣ ପଶ୍ଚିମ ମଧ୍ୟପ୍ରଦେଶ, ତେଲଙ୍ଗାନା ଓ ଉପକୂଳ ଆନ୍ଧ୍ରପ୍ରଦେଶରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀରୁ ୪୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି।

ଅନ୍ୟପକ୍ଷରେ ପାଣିପାଗ ବିଭାଗ ଆସନ୍ତା ଦୁଇଦିନ ଧରି ଉତ୍ତର ପୂର୍ବାଞ୍ଚଳରେ ଭୀଷଣ ବର୍ଷା ହେବାର ପୂର୍ବାନୁମାନ କରିଛି। ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ଅଳ୍ପରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି।

## ଜେକେ-ସେକେଣ୍ଡ ଫେଜ୍

ଜାମ୍ମୁ-କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୭ ଲକ୍ଷ ୮୧ ହଜାର ମତଦାତା ପାଞ୍ଚ-ଜାମ୍ମୁ-ଶାମ୍ବା-ରିଆସି ଲୋକସଭା ଆସନର ୨୨ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବ। ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ସେହି ନିର୍ବାଚନମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟରେ ୨୬ ତାରିଖ ଦିନ ମତଦାନ ହେବ। ଏହି ପର୍ଯ୍ୟାୟରେ ୮୯ଟି ଲୋକସଭା ଆସନରେ ମତଦାନ ହେବ। ଜାମ୍ମୁ ଲୋକସଭା ଆସନ ତିନୋଟି ଜିଲ୍ଲାରେ ଆସୁଛି। ସେଗୁଡ଼ିକ ହେଲା ଜାମ୍ମୁ, ଶାମ୍ବା ଓ ରିଆସି। ସେଠାରେ ମୋଟ ମତଦାତାଙ୍କ ସଂଖ୍ୟା ୧୭ ଲକ୍ଷ ୮୧ ହଜାର ୫୪୫ ରହିଛି। ତାହା ମଧ୍ୟରେ ୯ ଲକ୍ଷ ୨୧ ହଜାର ୪୬୨ ଜଣ ପୁରୁଷ, ୮ ଲକ୍ଷ ୬୦ ହଜାର ୫୫ ଜଣ ମହିଳା ଓ ୨୮ ଜଣ କ୍ଲୀବ ଭୋଟର ରହିଛନ୍ତି। ସେହି ଲୋକସଭା ଆସନରେ ୨ ହଜାର ୪୧୬ଟି ଭୋଟ ଗ୍ରହଣ କେନ୍ଦ୍ର ରହିଛି ଓ ୧୮ଟି ବିଧାନସଭା କ୍ଷେତ୍ର ରହିଛି। ମୋଟ ୨୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ମୁଖ୍ୟ ପ୍ରତିଦ୍ୱନ୍ଦିତା ବିଜେପି ଓ କଂଗ୍ରେସ ମଧ୍ୟରେ ହେବ। ବିଜେପିରୁ ଯୁଗଳ କିଶୋର ଶର୍ମା ଓ କଂଗ୍ରେସରୁ ରମନ

ଭାଲ୍ଲା ପ୍ରତିଦ୍ୱନ୍ଦିତା କରୁଛନ୍ତି। ୨୦୧୪ ଓ ୨୦୧୯ରେ ବିଜେପି ଜାମ୍ମୁ ଲୋକସଭା ଆସନରେ ବିଜୟୀ ହୋଇଥିଲା।

## ଏନ୍‌ଆଇଏ-କାଶ୍ମୀର

ଜାତୀୟ ତଦନ୍ତକାରୀ ସଂସ୍ଥା ପାକିସ୍ତାନ ଭିତ୍ତିକ ବେଆଇନ ଘୋଷିତ ସନ୍ତ୍ରାସବାଦୀ ସଂଗଠନ ଓ ସେଗୁଡ଼ିକର ଶାଖା ଗୁଡ଼ିକ ଦ୍ୱାରା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଷଡ଼ଯନ୍ତ୍ର ମାମଲାରେ ଜାମ୍ମୁ-କାଶ୍ମୀରର ୯ଟି ସ୍ଥାନରେ ଆଜି ଚଢ଼ଉ କରିଛି। ଲସ୍କରେ ତୟବା, ଜୈସେ ମହମ୍ମଦ, ହିଜବ ଉଲ୍ ମୁଜାହିଦ୍ଦିନ, ଅଲ-ବଦର୍ ଓ ଅଲ-କଏଦା ସନ୍ତ୍ରାସବାଦୀ ସଂଗଠନ ସହ ସମ୍ବନ୍ଧ ଥିବା ସନ୍ତ୍ରାସବାଦୀ ଓ ଅନ୍ୟ ସହାୟକ ମାନଙ୍କ ଘର ଉପରେ ଏହି ଚଢ଼ଉ କରାଯାଇଛି। ଏକ ବିବୃତିରେ ଏନ୍.ଆଇ.ଏ କହିଛି ଚଢ଼ଉ ସମୟରେ ବହୁ ଡିଜିଟାଲ ସାମଗ୍ରୀ ଓ ଦସ୍ତାବିଜ୍ ଜବତ କରାଯାଇଛି। ଜାମ୍ମୁ-କାଶ୍ମୀରରେ ବୋମା, ଅତ୍ୟାଧୁନିକ ବିସ୍ଫୋରକ ପଦାର୍ଥ ଓ ଛୋଟ ଛୋଟ ଅସ୍ତ୍ରଶସ୍ତ୍ର ସହାୟତାରେ ହିଂସାକାଣ୍ଡ ଓ ବିସ୍ଫୋରଣ କରିବା ପାଇଁ ସେହି ସଂଗଠନ ଗୁଡ଼ିକ ଦ୍ୱାରା ଷଡ଼ଯନ୍ତ୍ର ମାମଲାରେ ଏହି ଚଢ଼ଉ କରାଯାଇଛି। ଏନ୍.ଆଇ.ଏ. କହିଛି, ଏହି ସବୁ ସଂଗଠନ ଜାମ୍ମୁ-କାଶ୍ମୀରର ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ନଷ୍ଟ କରିବା ପାଇଁ ସ୍ଥାନୀୟ ଯୁବାମାନଙ୍କୁ ଜଡ଼ିତ କରି ଷଡ଼ଯନ୍ତ୍ର କରି ଆସୁଅଛନ୍ତି।

# ଏସ୍‌ପି-ଲିଷ୍ଟ-କନୌଜ

ସମାଜବାଦୀ ପାର୍ଟି ଉତ୍ତରପ୍ରଦେଶ ପାଇଁ ଏହାର ଆଉ ଏକ ପ୍ରାର୍ଥୀ ତାଲିକା ଆଜି ପ୍ରକାଶ କରିଛି। ତେଜପ୍ରତାପ ଯାଦବ କନୌଜ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ରହିଛନ୍ତି। ବଲିୟା ଲୋକସଭା ଆସନରୁ ସନାତନ ପାଣ୍ଡେ ପ୍ରାର୍ଥୀ ହୋଇଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କନୌଜ ଆସନରୁ ନିର୍ବାଚନ ଲଢ଼ିପାରନ୍ତି ବୋଲି ପୂର୍ବରୁ କଳ୍ପନାଜଳ୍ପନା ଚାଲିଥିଲା। ଆଜି ତେଜପ୍ରତାପ ଯାଦବଙ୍କ ନାମ ସେଠାରେ ଘୋଷଣା କରାଯାଇଛି। ତେଜପ୍ରତାପ ହେଉଛନ୍ତି ଅଖିଳେଶ ଯାଦବଙ୍କର ସମ୍ପର୍କୀୟ ଓ ଆର୍‌.ଜେ.ଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କର ଜାମାତା। କନୌଜ ଲୋକସଭା ଆସନ ସମାଜବାଦୀ ପାର୍ଟିର ଗଡ଼ଭାବେ ବିବେଚିତ ହୋଇଆସିଛି। ସମାଜବାଦୀ ପାର୍ଟି ୧୯୯୮ ମସିହାରୁ ୨୦୧୪ ପର୍ଯ୍ୟନ୍ତ ସେହି ଆସନରୁ ବିଜୟୀ ହୋଇ ଆସିଛି। ୨୦୧୯ ସାଧାରଣ ନିର୍ବଚନରେ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ସେଠାରୁ ବିଜେପିର ସୁବ୍ରତ ପାଠକଙ୍କ ଠାରୁ ହାରି ଯାଇଥିଲେ।